## ଆଇପିଏସ୍ ଅଧିକାରୀ ଅଭାବ ନେଇ କେନ୍ଦ୍ରକୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

# ଅଫିସର୍ ଅଭାବ, ଚିନ୍ତାରେ ସରକାର

**ପ୍ରକାଶ ସେଠୀ, ଭୁବନେଶ୍ୱର,୧୨।୨ :**



ରାଜ୍ୟର ଆଇଏଏସ୍ ଓ ଆଇପିଏସ୍‌ସ୍ତରରେ ବହୁ ପଦବୀ ଖାଲି ପଡ଼ିଛି। ତେବେ ରାଜ୍ୟ ସରକାରଙ୍କ ଅପରିଣାମଦର୍ଶିତା ଯୋଗୁ ଉଭୟ ଆଇଏଏସ୍ ଓ ଆଇପିଏସ୍ ପଦବୀ ପୂରଣ ସମ୍ଭବପର ହୋଇ ପାରୁନାହିଁ ବୋଲି ଅଭିଯୋଗ ହୋଇଛି। ଆଇପିଏସ୍‌ରେ ପଦୋନ୍ନତିଭିତ୍ତିକ ୫୭ଟି ପଦବୀକୁ ପୂରଣ କରିବାରେ ରହିଥିବା ଆଇନଗତ ପ୍ରତିବନ୍ଧକକୁ ଦୂର କରିପାରିନଥିବା ରାଜ୍ୟ ସରକାର ଏବେ କେନ୍ଦ୍ରକୁ ଅଧିକ ଆଇପିଏସ୍ ଦେବା ପାଇଁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂହଙ୍କୁ ଚିଠି ଲେଖି ରାଜ୍ୟରେ ୫୨ ପ୍ରତିଶତ ଆଇପିଏସ୍ ପଦ ଖାଲି ପଡ଼ିଥିବା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଅତିକମ୍‌ରେ ୧୦ଜଣ ଆଇପିଏସ୍ ଓଡ଼ିଶା କ୍ୟାଡରକୁ ଦେବା ପାଇଁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ନକ୍ସଲ ସମସ୍ୟା ଥିବାବେଳେ ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ନିମନ୍ତେ ଆଇପିଏସ୍‌ଙ୍କ ଆବଶ୍ୟକତାର ପୁନଃସମୀକ୍ଷା କରିବା ଜରୁରୀ ହୋଇପଡ଼ିଛି। ତେଣୁ ସିଏସ୍‌ଇ-୨୦୧୭ (ପୂର୍ଣ୍ଣାଙ୍ଗ କ୍ୟାଡର୍ ଆବଣ୍ଟନ)ରେ ଅତି କମ୍‌ରେ ୧୦ଜଣ ଆଇପିଏସ୍ ଅଫିସର୍ ଓଡ଼ିଶାକୁ ଆବଣ୍ଟନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦାବି ଜଣାଇଛନ୍ତି।

କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବର୍ଷ ବର୍ଷ ଧରି ଓଡ଼ିଶା କ୍ୟାଡର୍‌ର ଆବଶ୍ୟକତା ଅନୁସାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଆଇପିଏସ୍ ଅଫିସର୍ ଆବଣ୍ଟନ କରୁନାହାନ୍ତି। ସିଏସ୍‌ଇ-୨୦୧୪ରେ ୨୦ଟି ଆଇପିଏସ୍ ପଦ ଖାଲି ଥିବାବେଳେ ରାଜ୍ୟ ସରକାର ୧୦ଜଣ ଆଇପିଏସ୍‌ଙ୍କୁ ଆବଣ୍ଟିତ କରିବା ପାଇଁ ଅନୁରୋଧ କରିଥିଲେ। କିନ୍ତୁ ମାତ୍ର ୬ଜଣ ଆଇପିଏସ୍ ଓଡ଼ିଶାକୁ ମିଳିଥିଲା। ସେହିପରି ସିଏସ୍‌ଇ-୨୦୧୫ ଓ ସିଏସ୍‌ଇ-୨୦୧୬ରେ ୪ଜଣ ଲେଖାଏ ▶▶ ୭